# Akashvani, Sambalpur

## SAMBALPURI NEWS BULLETIN

### 9 January 2026 – 6.47- 6.52 am.

*********************************************

ଓଡ଼ିଶା ସ୍କିଲ୍ କାର୍ଯ୍ୟକ୍ରମ୍ I&PR

ରାଜ୍ୟର୍ ଶିକ୍ଷ ଆଉ ଦକ୍ଷତା ବିକାଶ୍ ବିଭାଗ୍ ତର୍ଫୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଚାଲିଥିବା ଓଡ଼ିଶା ସ୍କିଲ୍ ୨୦୨୫-୨୬ କାର୍ଯ୍ୟକ୍ରମ୍ ଆଏଜ୍ ଉଦ୍‌ଯାପିତ୍ ହେବା । ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିନ୍ ଭିନ୍ ବର୍ଗଥି ହେଇଥିବା ପ୍ରତିଯୋଗିତାର୍ ବିଜେତା ମାନ୍‌କୁ ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର୍ ପ୍ରଦାନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଭିଲ୍ ଉପସ୍ଥିତ୍ ରହେବେ ।

ରାଜ୍ୟ କେବିନେଟ୍‌ର ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ଉପର୍‌ବେଲା ରାଜ୍ୟ କେବିନେଟ୍‌ର ବୈଠକ୍ ହେବା । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍

ମାଝୀ ଅଧ୍ୟକ୍ଷତା କର୍‌ବେ । ଇ ଅବ୍‌ସରେ ପଂଚାୟତିରାଜ୍ ବିଭାଗ୍, ସାଧାରଣ୍ ପ୍ରଶାସନ୍, ଅର୍ଥ ଆଉ ଜଲ୍‌ସମ୍ପଦ୍ ବିଭାଗ୍‌ର ୮ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ଅନୁମୋଦନ୍ ମିଲିପାରେ ବଲି ଜନାପଡ଼ିଛେ ।

ଏଚ୍.ଏଲ୍.ସି.ଏ. ବୈଠକ୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଉଚ୍ଚସ୍ତରୀୟ ଅନୁମୋଦନ୍ କର୍ତୃପକ୍ଷ- ଏଚ୍.ଏଲ୍.ସି.ଏ. ର ୪୩ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୫୫ ହଜାର୍ ୭ ଶହ ୮୩ କୋଟି ଟଙ୍କାର୍ ୭ ଟା ଶିଳ୍ପ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ । ଇତାର୍ ଜରିଏ ରାଏଜେ ୧୪ ହଜାର୍ ୫ ଶହ ନୂଆଁ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ।

ଅତିବିଶିଷ୍ଟ ରେଲ୍‌ସେବା ପୁରସ୍କାର ପି.ଆଇ.ବି.

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ନୂଆଦିଲ୍ଲୀର୍ ଦ୍ୱାରକା ଠାନେ ଅତିବିଶିଷ୍ଟ ରେଲ୍‌ସେବା ପୁରସ୍କାର୍-୨୦୨୫ ପ୍ରଦାନ୍ କର୍‌ବେ । ରେଲ୍‌ସେବା କ୍ଷେତ୍ରଥି ପ୍ରଶଂସନୀୟ ଅବଦାନ୍ ଲାଗି ଶହେ ଝନ୍ ରେଲ୍

ଅଧିକାରୀ ଆଉ କର୍ମଚାରୀଙ୍କୁ ପୁରସ୍କାର୍ ଦିଆଯିବା । ଭଲ୍ ପ୍ରଦର୍ଶନ୍ କରିଥିବା ରେଲ୍‌ବାଇ ଜୋନ୍ ମାନ୍‌କୁ ଭିଲ୍ ସମ୍ମାନିତ୍ କରାଯିବା । ଇ କାର୍ଯ୍ୟକ୍ରମ୍‌ଥି ରେଲ୍ ରାଷ୍ଟ୍ରମନ୍ତ୍ରୀ ଭି.ସୋମନ୍ନା, ରବନୀତ୍ ସିଂ ଆଉ ରେଲ୍‌ବାଇର୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ ।

କେନ୍ଦ୍ର-ରାଜ୍ୟ ଶିକ୍ଷାମନ୍ତ୍ରୀ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ  ରାଜ୍ୟ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ଭିତ୍‌ରେ ଗଲାକାଏଲ୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଏଜେ ଜାତୀୟ ଶିକ୍ଷାନୀତିର୍ ସଫଲ୍ ରୂପାୟନ୍ ବାବ୍‌ଦେ ଆଲୋଚନା କରାଯାଇଛେ । ୨୦୩୬ ମସିହାତକ୍ ରାଜ୍ୟର୍ ଶିକ୍ଷା କ୍ଷେତ୍ରଥି ବୈପ୍ଳବିକ୍ ପରିବର୍ତ୍ତନ୍ ଆସ୍‌ବା ବଲି ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଦାନ୍ କହିଛନ୍ ।

ସଡ଼କ୍ ସୁରକ୍ଷା ବୈଠକ୍ I&PR

ସଡ଼କ୍ ସୁରକ୍ଷା ଆଉ ପରିବହନ୍ ସଂସ୍କାର୍ କ୍ଷେତ୍ରଥି ଓଡ଼ିଶା ସାରାଦେଶେ ଅଗ୍ରଣୀ ରାଜ୍ୟର୍ ମାଏନ୍‌ତା ପାଇଛେ । ନୂଆଦିଲ୍ଲୀ ନ ଗଲା ମଙ୍ଗଲ୍‌ବାର୍

ଦିନ ହେଇଥିବା ପରିବହନ୍ ବିକାଶ୍ ପରିଷଦ୍ର ବୈଠକ୍ଥି ସଡ଼କ୍ ସୁରକ୍ଷା ଦିଗେ ନିଆଯାଇଥିବା ପଦକ୍ଷେପ୍କେ ନେଇକରି ଓଡ଼ିଶାର୍ ପ୍ରଶଂସା କରାଯାଇଛେ । କେନ୍ଦ୍ର ସଡ଼କ ପରିବହନ୍ ଆଉ ରାଜପଥ ମନ୍ତ୍ରଣାଳୟ ତରଫୁ ହେଇଥିବା ବୈଠକ୍ଥି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ର ପରିବହନ୍ ମନ୍ତ୍ରୀ ଆଉ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଓଡ଼ିଶାର୍ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ର ପ୍ରମୁଖ ସଚିବ ଉଷା ପାଢ଼ୀ ଇଥି ଯୋଗ୍ ଦେଇକରି ରାଜ୍ୟ ସାମଗ୍ରିକ ପରିବହନ୍ ଆଉ ସଡ଼କ୍ ସରକ୍ଷା ବାବଦ୍ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ପ୍ରଦୂଷଣ୍ ସାର୍ଟିଫିକେଟ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଦୂଷଣ୍ ସାର୍ଟିଫିକେଟ୍ ଯାଂଚ୍ ସମିଆକେ ରାଜ୍ୟ ସର୍କାର୍ ଏପ୍ରିଲ୍ ମାସ୍ତକ୍ ବଢ଼େଇ ଦେଇଛନ୍ । ଏପ୍ରିଲ୍ ମାସ୍ତକ୍ ଟୋଲ୍ଗେଟ୍ ମାନ୍କେ ଭିଲ୍ ପ୍ରଦୂଷଣ୍ ଚାଲାଣ୍ ନାଇଁ କଟେ । ଇତାର୍ଛଡ଼ା ପ୍ରଦୂଷଣ୍ ପ୍ରମାଣ୍ପତ୍ର ବାବ୍ଦେ କଟୁଥିବା ଜରିମାନା ଟଙ୍କା ଭିଲ୍ କମାବାର୍ ଲାଗି ତର୍ଜମା ଚାଲିଛେ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ ।

ପ୍ରବାସୀ ଭାରତୀୟ ଦିବସ ଆର୍ଏନ୍ୟୁ ସମ୍ବଲପୁର୍

ଦେଶର ବିକାଶ୍ ଦିଗେ ପ୍ରବାସୀଭାରତୀୟମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ପ୍ରବାସୀ ଭାରତୀୟ ଦିବସ୍ ପାଲନ୍ କରାଯାଉଛେ । ୧୯୧୫ ମସିହାଥି ଆଝିର୍ ଦିନେ ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକାନୁ ସ୍ୱଦେଶ୍ ଫିରିଥିଲେ । ଇ ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ୨୦୦୩ ମସିହାନୁ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଫି’ ବଛର୍ ଜାନୁଆରୀ ୯ ତାରିଖ୍ ଦିନ ପ୍ରବାସୀ ଭାରତୀୟ ଦିବସ୍ ପାଲନ୍ କରାଯାଉଛେ ।

ଜଲ୍‌ସମ୍ପଦ୍ ବିଭାଗ୍ ସମୀକ୍ଷା I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଜଲ୍‌ସମ୍ପଦ୍ ବିଭାଗ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମା ଯୋଗ୍ ଦେଇକରି ରାଏଜେ ଜଲ୍‌ସେଚନ୍ ବ୍ୟବସ୍ଥା ବଢ଼ାବାର୍ ଲାଗି ପାଣିର୍ ଉପଯୋଗ୍ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ବିଚାରାଧୀନ୍ ପ୍ରକଳ୍ପ ମାନ୍‌କର୍ ତୁର୍‌ତି ଅନୁମୋଦନ୍ କରିକରି ପ୍ରକ୍ରିୟା ମୁଲ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ଶ୍ରୀମତୀ ଶର୍ମା ନିର୍ଦ୍ଦେଶ୍ ଦେଇଥିଲେ ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ପୁଲିସ୍ ପଡ଼ିଆ ଠାନେ ଦୁଇ ଦିନିଆ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ସମାରୋହଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାର୍ ଲାଭ୍ ନେବାର୍‌କେ ଚାଷୀମାନ୍‌କୁ ପରାମର୍ଶ ଦେଇଥିଲେ ।

## ସଡ଼କ ସୁରକ୍ଷା ମାସ       ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ପିଏମ୍‌ଶ୍ରୀ ଜବାହାର୍ ନବୋଦୟ ବିଦ୍ୟାଳୟ ନ ଜାତୀୟ ସଡ଼କ ସୁରକ୍ଷା ମାସ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କୁ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଥିଲା ।

## ଆତ୍ମସୁରକ୍ଷା ତାଲିମ୍ ଶିବିର୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନେସ୍‌ନାଲ୍ କଲେଜ୍ ନ ଚାଲିଥିବା ଆତ୍ମସୁରକ୍ଷା ତାଲିମ୍ ଶିବିର୍ ଉଦ୍‌ଯାପିତ୍ ହେଇଯାଇଛେ । ୧୫ ଦିନ୍‌ତକ୍ ହେଇଥିବା ଶିବିର୍‌ଥି କଲେଜ୍‌ର ଯୁକ୍ତ ୩ ପହେଲା ବଛ୍‌ରର୍ ଛାତ୍ରୀମାନ୍‌କୁ ଆତ୍ମରକ୍ଷା କଲାକୌଶଲ୍ ତାଲିମ୍ ଦିଆଯାଇଥିଲା ।

ସମ୍ବଲ୍‌ପୁରୀ ଧନୁଯାତ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମଣ୍ଡପ୍ ପରିସର୍ ନ ଗଲାକାଏଲ୍ ସମ୍ବଲ୍‌ପୁରୀ ଧନୁଯାତ୍ରା ଲାଗି ଶୁଭସ୍ତମ୍ଭ ଥାପ୍‌ନା କରାଯାଇଛେ । ସମ୍ବଲ୍‌ପୁର୍ ବ୍ରହ୍ମପଣ୍ଡିତ ମହାସଭା ତର୍‌ଫୁ ମଂଚପୂଜା କରାଯାଇକରି ଶୁଭସ୍ତମ୍ଭ ଥାପ୍‌ନା କାର୍ଯ୍ୟକ୍ରମ୍ କରାଯାଇଥିଲା । ସୂଚ୍‌ନା ଅନ୍‌ସାରେ ଆଏବା ୧୮ ନୁ ୨୨ ତାରିଖ୍‌ତକ୍ ସମ୍ବଲ୍‌ପୁରୀ ଧନୁଯାତ୍ରା ହେବା ।

ପାଣିପାଗ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଶୀତ୍ ଲାଗି ରହିଛେ । ଆଏବା ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା, ତାର୍ ଉତ୍‌ରୁ ୨ ନୁ ୩ ଡିଗ୍ରୀତକ୍ ତାପମାତ୍ରା ବଢ଼ିକରି ଶୀତ୍ କମ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, କଲାହାଣ୍ଡି ସହେତେ ୭ ଟା ଜିଲ୍ଲା ନ ଜବର୍ ଥଣ୍ଡା ହେବା ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।